# NATIONAL NEWS BULLETIN (ODIA)

## 16 March - 2024

## Mid Bulletin : 1.50 p.m.

# ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ତେଲଙ୍ଗାନାର ଦୁର୍ନୀତିଗ୍ରସ୍ତ ନେତାମାନଙ୍କୁ ଛାଡ଼ କରାଯିବ ନାହିଁ ।

- **ପି.ଏମ୍. ସୂର୍ଯ୍ୟଘର : ମୁଫ୍‌ତ ବିଜ୍‌ଲି ଯୋଜନା** ରେ ୧ କୋଟିରୁ ଅଧିକ ପରିବାର ପଞ୍ଜୀକୃତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଛନ୍ତି ।

- ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଆସନ୍ତା ୨୩ ତାରିଖରୁ ସିଙ୍ଗାପୁର, ଫିଲିପାଇନ୍ସ ଓ ମ୍ୟାଲେସିଆକୁ ୫ ଦିନ ଗସ୍ତରେ ଯିବେ ।

- କେନ୍ଦ୍ର ସରକାର ଜାମ୍ମୁ କାଶ୍ମୀର ଲିବରେସନ୍ ଫ୍ରଣ୍ଟ ୟାଶିର୍ ମଲ୍ଲିକ ଗୋଷ୍ଠୀକୁ ପରବର୍ତ୍ତୀ ୫ ବର୍ଷ ପାଇଁ ବେଆଇନ୍ ସଂଗଠନ ଘୋଷଣା କରିଛନ୍ତି ।

ଏବଂ

- ଭୀଷଣ ଗୁଳିଗୋଳା ବର୍ଷଣ ଦୃଷ୍ଟିରୁ ୟୁକ୍ରେନ୍ ର ସୁମି ଅଞ୍ଚଳରୁ ବହୁ ସଂଖ୍ୟାରେ ଲୋକମାନଙ୍କୁ ସ୍ଥାନାନ୍ତରିତ କରାଯାଉଛି ।

# ପିଏମ୍-ନଗରକୁର୍ଣ୍ଣୁଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ତେଲଙ୍ଗାନାର କୌଣସି ଦୁର୍ନୀତିଗ୍ରସ୍ତ ନେତାଙ୍କୁ ଛାଡ଼ କରାଯିବ ନାହିଁ । ତେଲଙ୍ଗାନାର ନଗର କୁର୍ଣ୍ଣୁଲ୍ ଠାରେ ପ୍ରଜା ସଂକଳ୍ପ ସଭାରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି ପରିବାର ଭିତ୍ତିକ ଦଳଗୁଡ଼ିକ ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣ ଓ ତୁଷ୍ଟିକରଣରେ ଲିପ୍ତ ରହିଛନ୍ତି । ଧାରା ୩୭୦ର ଉଚ୍ଛେଦ ଓ ରାମମନ୍ଦିର ନିର୍ମାଣ ଭଳି ରାଜ୍ୟକୁ ଦିଆଯାଇଥିବା ପ୍ରତିଶ୍ରୁତି ଗୁଡ଼ିକ ପୂରଣ କରାଯିବ ବୋଲି ସେ କହିଛନ୍ତି । ଲୋକସଭା ନିର୍ବାଚନରେ ବିଜେପିକୁ ବହୁସଂଖ୍ୟାରେ ଜିତାଇବା ପାଇଁ ସେ ତେଲଙ୍ଗାନାର ଜନସାଧାରଣଙ୍କୁ କହିଛନ୍ତି । ଗତ ୨ ଦିନ ମଧ୍ୟରେ ତେଲଙ୍ଗାନାରେ ଏହା ତାଙ୍କର ଦ୍ୱିତୀୟ ସଭା ।

# ପିଏମ୍ ସୂର୍ଯ୍ୟଘର

**ପି.ଏମ୍. ସୂର୍ଯ୍ୟଘର : ମୁଫ୍‌ତ ବିଜ୍‌ଲି ଯୋଜନା** ରେ ୧ କୋଟିରୁ ଅଧିକ ପରିବାର ପଞ୍ଜୀକୃତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସନ୍ତୋଷ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଦେଶର କୋଣ ଅନୁକୋଣରୁ ପରିବାରଗୁଡ଼ିକ ପଞ୍ଜୀକୃତ ହୋଇଛନ୍ତି । ଆସାମ, ବିହାର, ଗୁଜରାତ, ମହାରାଷ୍ଟ୍ର, ଓଡ଼ିଶା, ତାମିଲନାଡୁ ଓ ଉତ୍ତରପ୍ରଦେଶ ଭଳି ରାଜ୍ୟରୁ ୫ ଲକ୍ଷ

ଲେଖାଏଁ ପରିବାର ପଞ୍ଜୀକୃତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ମୁଫ୍ତ ବିଜ୍‌ଲି ଯୋଜନା ଲୋକମାନଙ୍କ ବିଜୁଳି ଖର୍ଚ୍ଚ କମ୍ କରିବା ସହ ଶକ୍ତି ଉତ୍ପାଦନ ବୃଦ୍ଧି କରିଛି । ଏହି ଯୋଜନା ପରିବେଶ ପାଇଁ ଜୀବନଶୈଳୀ ଅଭିଯାନକୁ ଉତ୍ସାହିତ କରିବ ଓ ବିଶ୍ୱର ପରିବେଶରେ ଉନ୍ନତି ଘଟିବ । ଶୀଘ୍ର ପଞ୍ଜୀକରଣ କରିବା ପାଇଁ ସେ ଲୋକମାନଙ୍କୁ ଆହ୍ୱାନ ଦେଇଛନ୍ତି । ଏଥିପାଇଁ ୱେବ୍‌ସାଇଟ୍ ହେଉଛି **ପି.ଏମ୍. ସୂର୍ଯ୍ୟଘର ଡଟ୍ ଜିଓଭି ଡଟ୍ ଇନ୍** ।

## ପ୍ରସାର ଭାରତୀ-ଚେୟାରମ୍ୟାନ୍

ପୂର୍ବତନ ପ୍ରଶାସନିକ ସେବା ଅଫିସର ନବନୀତ କୁମାର ସେହଗଲ୍ ଆଜି ପ୍ରସାର ଭାରତୀର ନୂଆ ଚେୟାରମ୍ୟାନ୍ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ୧୯୮୮ ବ୍ୟାଚ୍ ପ୍ରଶାସନିକ ସେବା ଅଫିସର ଶ୍ରୀ ସେହଗଲ ଉତ୍ତରପ୍ରଦେଶ କ୍ୟାଡର୍ ର ଅବସରପ୍ରାପ୍ତ ଅମଲାତନ୍ତ୍ର କର୍ମଚାରୀ । ଏ.ସୂର୍ଯ୍ୟପ୍ରକାଶଙ୍କ ସ୍ଥାନରେ ସେ ଦାୟିତ୍ୱ ନେଇଛନ୍ତି । ସୂର୍ଯ୍ୟପ୍ରକାଶ ୨୦୨୦ରୁ ପ୍ରସାର ଭାରତୀର ଚେୟାରମ୍ୟାନ୍ ଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ’ ନବନୀତ କୁମାର ସେହଗଲଙ୍କୁ ନିଯୁକ୍ତି ଦେଇଛନ୍ତି । ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଅଧ୍ୟକ୍ଷତାରେ ମନୋନୟନ କମିଟି ନବନୀତ କୁମାର ସେହଗଲଙ୍କ ନାମକୁ ଅନୁମୋଦନ କରିଥିଲେ ।

# ଏମ୍ସ ଡୁଆଲ୍ କିଡ୍ନୀ ଟ୍ରାନ୍ସପ୍ଲାଣ୍ଟ

ନୂଆଦିଲ୍ଲୀ AIIMS ଅର୍ଗାନ୍ ରେଟ୍ରିଭାଲ୍ ବ୍ୟାଙ୍କିଙ୍ଗ୍ ଅର୍ଗାନାଇଜେସନ୍ ସହ ମିଶି ୨ଟି କିଡ୍ନୀ ରୋପଣ କରିବା କାର୍ଯ୍ୟ ସଂପନ୍ନ କରିଛି । AIIMS ରେ ଚିକିତ୍ସିତ ହେଉଥିବା ଜଣେ ୭୮ ବର୍ଷ ବୟସ୍କା ମହିଳା ତାଙ୍କର ଦୁଇଟିଯାକ କିଡ୍ନୀ ଦାନ କରିଥିଲେ । ସେହି ମହିଳା ଜଣଙ୍କ ମସ୍ତିଷ୍କରେ ଭୀଷଣ ଆଘାତ ପାଇଥିଲେ । ତାଙ୍କୁ ବ୍ରେନ୍ ଡେଡ୍ ଘୋଷଣା କରାଯାଇଥିଲା ଓ ତାଙ୍କର ପରିବାରର ସଦସ୍ୟମାନେ ତାଙ୍କର ଦୁଇଟିଯାକ କିଡ୍ନୀ ଦାନ କରିବାକୁ ମନସ୍ଥ କରିଥିଲେ । ନୂଆଦିଲ୍ଲୀ AIIMS ରେ ଏପର୍ଯ୍ୟନ୍ତ କିଡନୀ ଦାନ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସେ ହେଉଛନ୍ତି ଦ୍ୱିତୀୟ ବୟୋଜ୍ୟେଷ୍ଠ ବ୍ୟକ୍ତି । ତାଙ୍କର ସେହି କିଡ୍ନୀ ଦୁଇଟିକୁ ୫୧ ବର୍ଷ ବୟସ୍କା ଜଣେ ମହିଳାଙ୍କ ଶରୀରରେ ରୋପଣ କରାଯାଇଛି । ସେହି ମହିଳା ଜଣକ ଡାଏଲିସିସ୍‌ରେ ଥିଲେ । ନୂଆଦିଲ୍ଲୀ AIIMS ର ଡିପାର୍ଟମେଣ୍ଟ ଅଫ୍ ସର୍ଜିକାଲ୍ ଡିସିପ୍ଲିନ୍ ଓ ଡିପାର୍ଟମେଣ୍ଟ ଅଫ୍ ନେଫ୍ରୋଲୋଜି ଦ୍ୱାରା କିଡ୍ନୀ ଦୁଇଟିକୁ ରୋପଣ କରାଯାଇଛି । ରୋପଣ ହୋଇଥିବା କିଡ୍ନୀ ଦୁଇଟି ଠିକ୍ ରୂପେ କାର୍ଯ୍ୟ କରୁଥିବାରୁ ମହିଳା ଜଣଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ଘଟୁଛି ।

# ପିଏମ୍ କ୍ୟାମ୍ପେନ୍

ଲୋକସଭା ନିର୍ବାଚନ ପୂର୍ବରୁ **ମେ ମୋଦୀ କା ପରିବାର ହୁଁ** ନାମକ ଏକ ଭିଡ଼ିଓ ଅଭିଯାନକୁ ଆଜି ବିଜେପି ଉନ୍ମୋଚନ କରିଛି । ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଏହି ଭିଡ଼ିଓକୁ ଶେୟାର କରିଛନ୍ତି । ଏଥିରେ ଲୋକମାନେ ଉପକୃତ ହୋଇଥିବା ଯୋଜନା ଗୁଡ଼ିକ ସ୍ଥାନ ପାଇଛି । **ମେଁ ମୋଦୀ କା ପରିବାର ହୁଁ** ଗୀତ ଏଥିରେ ବାଜୁଛି । ପ୍ରଧାନମନ୍ତ୍ରୀ ତେଲଙ୍ଗାନାରେ ଏକ ନିର୍ବାଚନ ର୍‌ୟାଲିରେ ଏହି ସ୍ଲୋଗାନ୍ ଦେଇଥିଲେ ।

# ଜୟଶଙ୍କର- ସିଙ୍ଗାପୁର

ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଆସନ୍ତା ୨୩ ତାରିଖରୁ ସିଙ୍ଗାପୁର, ଫିଲିପାଇନ୍ସ ଓ ମ୍ୟାଲେସିଆକୁ ୫ ଦିନ ଗସ୍ତରେ ଯିବେ । ତାଙ୍କର ଏହି ଗସ୍ତ ସମୟରେ ୩ଟିଯାକ ଦେଶ ସହ ଦ୍ୱିପକ୍ଷୀୟ ସଂପର୍କ ବୃଦ୍ଧି ଉପରେ ଆଲୋକପାତ କରାଯିବ । ତାଙ୍କର ଏହି ଗସ୍ତ ବହୁ ଆଞ୍ଚଳିକ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ସୁଯୋଗ ପ୍ରଦାନ କରିବ ।

# ସେଣ୍ଟର -ଅନ୍‌ଲଫୁଲ୍ ଆସୋସିଏସନ୍

କେନ୍ଦ୍ର ସରକାର ଜାମ୍ମୁ କାଶ୍ମୀର ଲିବରେସନ୍ ଫ୍ରଣ୍ଟ ୟାଶିର୍ ମଲ୍ଲିକ ଗୋଷ୍ଠୀକୁ ପରବର୍ତ୍ତୀ ୫ ବର୍ଷ ପାଇଁ ବେଆଇନ୍ ସଂଗଠନ ଘୋଷଣା

କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ନିଷେଧ କରାଯାଇଥିବା ଏହି ସଂଗଠନ ଜାମ୍ମୁ କାଶ୍ମୀରରେ ସନ୍ତ୍ରାସବାଦୀ ଓ ବିଭାଜନକାରୀ କାର୍ଯ୍ୟକଳାପ ସହ ଜଡ଼ିତ ଅଛି । ସେ କହିଛନ୍ତି ଭାରତର ସୁରକ୍ଷା, ସାର୍ବଭୌମତ୍ୱ ଓ ଏକତା ପ୍ରତି ଆଞ୍ଚ ଆଣୁଥିବା ଯେ କୌଣସି ଗୋଷ୍ଠୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଶ୍ରୀ ଶାହା କହିଛନ୍ତି କେନ୍ଦ୍ର ସରକାର ଜାମ୍ମୁ କାଶ୍ମୀର ପିପୁଲ୍ସ୍ ଫ୍ରିଡମ୍ ଲିଗ୍ କୁ ମଧ୍ୟ ପରବର୍ତ୍ତୀ ୫ ବର୍ଷ ପାଇଁ ବେଆଇନ ସଂଗଠନ ଘୋଷଣା କରିଛନ୍ତି । ସେ କହିଛନ୍ତି ଏହି ସଂଗଠନ ଭାରତର ଏକତା ପ୍ରତି ବିପଦ ସୃଷ୍ଟି କରିଛି । ଏହି ସଂଗଠନ ଜାମ୍ମୁ କାଶ୍ମୀରରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ମାଧ୍ୟମରେ ବିଭାଜନକାରୀ ନୀତିକୁ ପ୍ରୋତ୍ସାହିତ କରିଛି । ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି ଯେଉଁ ଗୋଷ୍ଠୀ ଗୁଡ଼ିକ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ସହ ଜଡ଼ିତ ଅଛନ୍ତି, ସରକାର ସେମାନଙ୍କୁ କ୍ଷମା ଦେବେ ନାହିଁ ।

## ଇସିଆଇ-ଲୋକସଭା ପୋଲ୍ସ

ନିର୍ବାଚନ କମିଶନ ଆଜି ଅପରାହ୍ନରେ ଲୋକସଭା ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରିବ । ଲୋକସଭା ନିର୍ବାଚନ ସହିତ କିଛି ରାଜ୍ୟ ବିଧାନସଭା ନିର୍ବାଚନ କାର୍ଯ୍ୟସୂଚୀ ମଧ୍ୟ ଘୋଷଣା କରାଯିବ । ନିର୍ବାଚନ କାର୍ଯ୍ୟସୂଚୀ

ଘୋଷଣା ହେବା ସହ ଆଦର୍ଶ ଆଚରଣବିଧି ଲାଗୁ ହୋଇଯିବ । ଚଳିତ ଲୋକସଭାର କାର୍ଯ୍ୟକାଳ ଜୁନ୍ ୧୬ ତାରିଖରେ ଶେଷ ହେବ । ୨୦୧୯ ଲୋକସଭା ନିର୍ବାଚନ ୭ଟି ପର୍ଯ୍ୟାୟରେ କରାଯାଇଥିଲା ।

## ରାଜନାଥ-ଆର୍ମି କ୍ୟାଡେଟ୍

ସ୍ୱାସ୍ଥ୍ୟଗତ କାରଣରୁ ସାମରିକ ତାଲିମରୁ ବାଦ୍ ପଡ଼ିଥିବା କ୍ୟାଡେଟ୍ ଗୁଡ଼ିକୁ ଥଇଥାନ ସୁବିଧା ପ୍ରଦାନକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଅନୁମୋଦନ କରିଛନ୍ତି । ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ପ୍ରାୟ ଏକଦଶନ୍ଧି ଧରି ସେହି କ୍ୟାଡେଟ୍ ଓ ସେମାନଙ୍କର ପିତାମାତାମାନେ ଥଇଥାନ ସୁଯୋଗ ପାଇବାକୁ ଦାବି କରିଆସୁଥିଲେ । ମନ୍ତ୍ରୀ କହିଛନ୍ତି ପ୍ରତିବର୍ଷ ଯୁବା କ୍ୟାଡେଟ୍ ମାନେ ବିଭିନ୍ନ ସାମରିକ ପ୍ରତିଷ୍ଠାନରେ ଶିକ୍ଷା ଓ ସାମରିକ ତାଲିମ ନେଉଛନ୍ତି । ସେମାନଙ୍କୁ ସଶସ୍ତ୍ର ବାହିନୀରେ କମିଶନଡ୍ ଅଫିସର୍ ଭାବେ ନିଯୁକ୍ତି ପ୍ରଦାନ ଲାଗି ଏଭଳି ତାଲିମ ଦିଆଯାଇଥାଏ । ତେବେ ସେହି କ୍ୟାଡେଟ୍ ମାନେ ନିଯୁକ୍ତି ପାଇବା ପରେ ସେମାନଙ୍କୁ ଅଫିସର ଭାବେ ବିବେଚନା କରାଯାଇଥାଏ । ସାମରିକ ତାଲିମ ସମୟରେ କିଛି କ୍ୟାଡେଟ୍ ସ୍ୱାସ୍ଥ୍ୟଗତ କାରଣରୁ ଅଯୋଗ୍ୟ ଘୋଷଣା ହୋଇଥାନ୍ତି । ପ୍ରତିରକ୍ଷାମନ୍ତ୍ରୀ ଅବସରପ୍ରାପ୍ତ ସଶସ୍ତ୍ର ବାହିନୀ କର୍ମଚାରୀ ବିଭାଗର ଏକ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ କରିଛନ୍ତି । ଥଇଥାନ ମହାନିର୍ଦ୍ଦେଶାଳୟ ଦ୍ୱାରା ମିଳୁଥିବା ଯୋଜନା

ଗୁଡ଼ିକର ସୁଫଳ ସେମାନଙ୍କୁ ପ୍ରଦାନ କରାଯିବ । ଏହି ଯୋଜନାରୁ ୫୦୦ କ୍ୟାଡେଟ୍ ଲାଭାନ୍ୱିତ ହେବେ । ସେମାନେ ସ୍ୱାସ୍ଥ୍ୟଗତ କାରଣରୁ ଯୋଜନାର ସୁଫଳ ପାଉନଥିଲେ ।

## ମୁଣ୍ଡା-ବିଏଜେଏସ୍ଏସ୍

ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରିଥିବା ଆଦିବାସୀ ସଂପ୍ରଦାୟର ମହାନ ବ୍ୟକ୍ତିମାନଙ୍କ ଉପରେ ଅଧ୍ୟୟନ ଓ ଗବେଷଣା ପାଇଁ ଆହ୍ୱାନ ଦେଇଛନ୍ତି। ନୂଆଦିଲ୍ଲୀର ଝଣ୍ଡେବାଲାନ୍ ଠାରେ ଭାରତୀୟ ଆଦିମ ଜାତି ସେବକ ସଂଘ ର ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଆଦିବାସୀ ସଂପ୍ରଦାୟର ନେତାମାନେ ମୋଗଲ ସମୟରୁ ଆରମ୍ଭ କରି ବ୍ରିଟିଶ ଶାସନ ପର୍ଯ୍ୟନ୍ତ ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରିଥିବାର ଦୀର୍ଘ ଇତିହାସ ରହିଛି । ସେ କହିଛନ୍ତି ଆଦିବାସୀ ସଂସ୍କୃତି,ପରମ୍ପରା ଓ ଇତିହାସର ସଂରକ୍ଷଣ ଓ ପ୍ରସାର ହେବା ଉଚିତ । ନୂଆଦିଲ୍ଲୀରେ ଖୋଲାଯାଇଥିବା ଇ-ଲାଇବ୍ରେରୀ ଓ ସଂଗ୍ରହାଳୟ ଜ୍ଞାନର ଏକ କେନ୍ଦ୍ର ଭାବେ କାର୍ଯ୍ୟ କରିବ ବୋଲି ସେ କହିଛନ୍ତି । ଶ୍ରୀ ମୁଣ୍ଡା ଅମ୍ରିତଲାଲ ଠକ୍କରଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଛନ୍ତି । ଲୋକମାନେ ନିଜର ସଂସ୍କୃତି, ପରିଚୟ ଓ

ପରମ୍ପରାକୁ ଆପଣାଇଲେ ଭାରତ ବିକଶିତ ରାଷ୍ଟ୍ରରେ ପରିଣତ ହୋଇପାରିବ ବୋଲି ସେ କହିଛନ୍ତି ।

## ୟୁକ୍ରେନ୍ ଇଭାକୁଏସନ୍

ୟୁକ୍ରେନ୍ ର ସୁମି ଅଞ୍ଚଳରୁ ବହୁ ସଂଖ୍ୟାରେ ଲୋକମାନଙ୍କୁ ସ୍ଥାନାନ୍ତରିତ କରାଯାଉଛି । ସେହି ଅଞ୍ଚଳରେ ଭୀଷଣ ଗୋଳବାରୁଦ ମାଡ଼ ଜାରି ରହିଛି । ୟୁକ୍ରେନ୍ ସାମରିକ ପ୍ରଶାସନ କହିଛି, ବେଲିକୋପିସର୍‌ସ୍କା ନିକଟରୁ ୧୮୦ରୁ ଅଧିକ ପରିବାରଙ୍କୁ ଗତ ୩ ଦିନ ମଧ୍ୟରେ ସ୍ଥାନାନ୍ତରିତ କରାଯାଇଛି । ୨୨ଟି ଗ୍ରାମରୁ ୪ ହଜାର ୫୦୦ ପରିବାର ସ୍ଥାନଚ୍ୟୁତ ହୋଇଥିବାର ଏହା ଜଣାଇଛି । ଆଞ୍ଚଳିକ ପ୍ରଶାସନର କହିବା ଅନୁସାରେ ଉତ୍ତେଜନା ଲାଗିରହିଥିବା ଅଞ୍ଚଳରେ ଗତ ୫ ଦିନ ମଧ୍ୟରେ ୩ ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ୧୩ ଜଣ ଆହତ ହୋଇଛନ୍ତି ।

## ନେପାଳ ଗୋଲ୍‌ଡେନ ଜୁବୁଲି

କାଠମାଣ୍ଡୁସ୍ଥିତ ଭାରତୀୟ ଦୂତାବାସ ୨୨ତମ ଗୋଲ୍‌ଡେନ୍ ଜୁବୁଲି ସ୍କଲାର୍‌ସିପ୍ ଡେ ପାଳନ କରୁଛି । ଏଥିରେ ନେପାଳର ୭୬ଟି ଜିଲ୍ଲାର ୨୦୦ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ନେପାଳର ବଡ଼ବଡ଼ ବିଶ୍ୱବିଦ୍ୟାଳୟର କୁଳପତି, ଡିନ୍, ରେଜିଷ୍ଟ୍ରାର୍, ବଡ଼ବଡ଼ ସ୍କୁଲ୍ ଗୁଡ଼ିକର

ପ୍ରିନ୍ସିପାଲ ଓ ସରକାରୀ ବିଭାଗର ବରିଷ୍ଠ ଅଫିସର ମଧ୍ୟ ଏଥିରେ ଯୋଗ ଦେଇଥିଲେ । ନେପାଳରେ ଭାରତର ରାଷ୍ଟ୍ରଦୂତ ନବୀନ ଶ୍ରୀବାସ୍ତବା ସ୍କଲାର୍‌ମାନଙ୍କୁ ପୁରସ୍କୃତ କରିଛନ୍ତି ।